# ପିଲାଙ୍କ କଥା

## (ଗଣ୍ଡି)

## ତୃତୀୟ ଭାଗ



# ପିଲାଙ୍କ କଥା (ଗଣ୍ଡି)

## ତୃତୀୟ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ**
**ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


**ନିର୍ଦ୍ଦେଶକ**
ପ୍ରଫେସର ଅଖିଳ ବିହାରୀ ଓତା

**ପ୍ରସ୍ତୁତି**
ଗଣ୍ଡି ସଂସାଧକ ମଣ୍ଡଳୀ
ଶ୍ରୀ ପିଲିସାଏ ଗଣ୍ଡ
ଶ୍ରୀ ମଣିରାମ ଗଣ୍ଡ
ଶ୍ରୀ ବିଙ୍ଗୁରାମ ଗଣ୍ଡ

**ସଂଯୋଜନା**
ଡ଼ଃ ପରମାନନ୍ଦ ପଟେଲ

**ଅଳଙ୍କରଣ**
ପ୍ରିୟରଞ୍ଜନ ବରାଳ

**ପ୍ରକାଶକ**
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

**Director :**
Prof. (Dr.) A.B. Ota

**Prepared by :**
Gondi Resource Group
Sri Pilisai Gond
Sri Maniram Gond
Sri Binguram Gond

**Co-ordinator :**
Dr. Paramananda Patel

**Illustration :**
Priyaranjan Baral

**Published by :**
Academy of Tribal Languages & Culture
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୁର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଗଣ୍ଡି ଭାଷାର ତୃତୀୟ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକରେ ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# କୟସୂରତା ଉବ୍‌ଜାନ୍ (ଝାଡୁର ଜନ୍ମ କଥା)

**ଜୁନ୍ନା ପୂର୍କାତାଁ ପେନ୍‌କ ମାନେୟ ବୁନ୍ନା ୱାସକ୍ ମତ୍‌ତାଁ । ପୂଜା ତିଞ୍ଜିମାହ୍‌ଛି ମଲ୍‌ସି ହଞ୍ଜକ୍ ମତ୍‌ତାଁ । ଉଣ୍ଡିପେକ୍ ଚଇତ୍ ପରବ ଆତ୍ । ପେନକନାଁ ରାଜାଲ୍ ପାଟ୍ ପେନ୍ ନିଶାନ୍ ମୁଣ୍ଡାନ୍ ସଙ୍ଗେ ୱାତ୍ । ତାନ୍ ସଙ୍ଗେ ଆଉର ପେନ୍ନକ୍ ପୂଜା ତିନ୍ଦିଲା ୱାସି ମତ୍‌ତାଁ । ଆଉ ସବ୍ ୱାଡ୍‌ଡା ଲଫାତେ ଅଲିଁତୁଁ । ଆଉ ହୁଡ୍‌ତୁଁ ଚାରୋ ପକାଡ୍ ଛିଛି ଇଞ୍ଜି ତାକ୍‌ସି ହତ୍‌ତୁଁ । ୱାଡ୍‌ଡା ବାହ୍‌ଡିତେ ମନ୍ଦ୍‌ଲେ ମଡ୍‌ଡା ଦୋଡି ଉଡ୍‌ତୁଁ । ୱାଡ୍‌ଡା ତୋଡ୍ ମୁଖ୍ୟା ଆଉର୍ ପୂଜାରୀ କୟ୍ ଯୋଡି କିସି ଆଗାୟ ଆଉତୁଡ୍ । ପୁଛେମାତୁଡ୍, ହେ ଦେଓ, ନିମ୍ମାଟ୍ ପୂଜା ତିନୱାୟ କେ ୱାତେୱାତିଟ୍ ବାଁକାଜେ ? ମମ୍ମୋ ମିକୁନ୍ ଅବିମାନ୍ କେଓମେ ? ପାଟ୍ ପେନ୍ ଇତ୍; ମମ୍ମୋ ଆଛାୟ ହଜୋର ।**



ପୁରୁଣା କାଳରେ ଦେବତା ମାନେ ମଣିଷ ପରି ଆସୁଥିଲେ । ବଳି ଭୋଗ ଖାଇସାରିବା ପରେ ଫେରି ଯାଉଥିଲେ । ଥରେ ଚଇତି ପରବ ହେଲା । ଦେବତା ମାନଙ୍କ ରାଜା ପାଟଦେବତା ନିଶାଣିମୁଣ୍ଡାଙ୍କ ସହିତ ଆସିଲେ । ତାଙ୍କ ସହିତ ଅନ୍ୟ ଦେବତା ବଳି ଖାଇବାକୁ ଆସିଥିଲେ । ସେମାନେ ଗାଁ ଭିତରେ ବୁଲିଲେ । ସେମାନେ ଦେଖିଲେ ଚାରିଆଡେ ମଇଳା ଓ ଅଇଁଠା ପଡିଥିଲା । ସେମାନେ ଛି ଛି କହି ଚାଲିଗଲେ । ଗାଁ ବାହାରେ ଥିବା ଗଛ ମୂଳେ ବସିଲେ । ଗାଁର ମୁଖିଆ ଓ ପୁଜାରୀ ହାତ ଯୋଡି ସେଠାରେ ପହଂଚିଲେ । ପଚାରିଲେ; "ହେ ଦେବତା, ଆପଣମାନେ ବଳି ନ ଖାଇ ଚାଲି ଆସିଲେ କାହିଁକି ? ଆମେ ଆପଣଙ୍କୁ ଅବମାନନା କରିନାହୁଁ ?" ପାଟ ଦେବତା କହିଲେ; "ଆମେ ବହୁତ ବଡ ।

ମମ୍ବୋ ବାଁକା ମୟ୍‌ଲା ଜାଗାତେ ଉଡ୍‌କମ୍ ? ଇଦେକ୍ ପୂଜା ହିତେକ୍ ୱାଡ୍‌ଡା ବାହ୍‌ଡିତେ ହିକିଟ୍ । ମମ୍ବୋ ଅପରିଷ୍କାର୍ ଜାଗାତେ ତିନ୍ଦି ପରୋମ୍ । ମୂଖ୍ୟାଲ୍ ଲତୁଡ୍, ହେ ମାହାପୃ ମମ୍ବୋ କଛରା ତୁନ୍ ଘୃନ୍ନା କିନ୍ତୋମା । ପାଟପେନ୍ ତାନା ହେଲାହାଡିନ୍ ମାତା ନିଗା ରହତ୍ । ମୁଖ୍ୟାଲ ତାନା ହେଡେ ହାଞ୍ଜୀ ସାବୁୟ ପାଲୋଁକୁନ୍ ୱାହଡ୍ । ମାତାଲ୍ ତାଲ୍‌ଲା ହାଲାହ୍ କିସିତ୍ । ତାଲଲା ଦା ଉଣ୍ଡି କାଲ୍ ଗୁସତ୍ । ଓଡ୍ ଆଦେନ୍ ବାଟିଦେ ଉରସତୁଡ । ଇଦ୍ ଉଣ୍ଡି ଲାଟା ଆତ୍ । ଓଡ୍ ଆଦେନ୍ ଅସି ଉପ୍ତିଇ ଦେ ବିପ୍ତା କିସି ଦହତୁଡ଼୍ । ଇଦ୍ କାୟସୁର୍ ଆତ୍ । ଏୱେନେ ମାନେୟ ଲୋଡ଼୍ ୱାଡା । ନାରା୍ ଆରୁ ଲୋତ୍ ସଫା କିତୁଡ୍ ।



ଆମେ କଣ ଅପରିଷ୍କାର ଜାଗାରେ ବସିବୁ ? ଏବେ ବଳି ଦେଲେ ଗାଁ ବାହାରେ ଦେବ । ଆମେ ଅଳିଆ ଜାଗାରେ ଖାଇପାରିବୁନି ।” ମୁଖିଆ କହିଲେ; “ହେ ପ୍ରଭୁ, ଆମେ ଅଳିଆକୁ ଘୃଣା କରୁଛୁ । ହେଲେ ତାକୁ କେମିତି ପରିଷ୍କାର କରିବୁ ଜାଣିନୁ । ଦୟାକରି ତା ବାଟ ବତାଇ ଦିଅନ୍ତୁ ।” ପାଟଦେବତା ତା ଭଉଣୀ ଠାକୁରାଣୀଙ୍କ ପାଖକୁ ପଠାଇଲେ । ମୁଖିଆ ତାଙ୍କ ପାଖକୁ ଯାଇ ସବୁକଥା କହିଲା । ଠାକୁରାଣୀ ମୁଣ୍ଡ ହଲାଇ ଦେଲେ । ମୁଣ୍ଡରୁ ଗୋଟିଏ ଚୁଳ ଖସି ପଡିଲା । ସେ ତାକୁ ପଡିଆରେ ଲଗାଇଲେ । ଏହା ଗୋଟିଏ ଘାସ ହୋଇଗଲା, ସେ ତାକୁ ନେଇ ଏକାଠି ବିଡାକରି ବାନ୍ଧିଲେ । ଏହା ପହଁରା ହେଲା । ଏଥିଯୋଗୁଁ ଲୋକମାନେ ଗାଁ ଓ ଘର ସଫା କଲେ ।


# ଗତ୍ଲିତା ଜନମ୍ ପଲ୍ଲୋ (ଦଉଡ଼ିର ଜନ୍ମ କଥା)

ତଲେୟତାହ୍ ବୋଡେ ମଡସ୍ ବେବାର୍ କେଓ୍ୱାୟ ମତୋଡ୍ । ଏଓ୍ୱେଡେ ବାତାୟ କାମ୍ ଆୟଓ୍ୱାୟମ୍ତାଲ୍ ମାନେୟ୍ ବଚ୍ ହୋଡା ଋଷ୍ କାମ୍ କିତୁଡ୍ ଆଚହୋଡା ଲଦ୍ ଦର୍କାର୍ ଇଞ୍ଜି ପୁତୁଡ୍ । ରଣ୍ଡ ଜନଡ୍ ସୌରା ଦାଦାଲୋଡ୍ ମତୋଡ୍ । ଜଂଗଲୁ ଆରୁ ମଂଗଲୁ । ଓଡ୍ ଲୋଡ୍ ଉଣ୍ଡି ଦିନା ମିନ୍କ୍ ପଇଲା ହତୁଡ୍ । ଓଡ୍ଲୋଡ୍ ମିନ୍କ୍ ପୟ୍ସି ମୁଲାନ୍ ହୋଡା ଲୋତେ ମଲ୍ତୁଡ୍ । ହରିତେ ଓଡ୍ଲୋଡ୍ ଭାବେ ମାତୁଡ୍ । ଏଟେଁକୁନ୍ ଆଟ୍ସି ତିନ୍ଦାନୁଡ୍ ଆଉର୍ ମିନ୍କ୍ କୁନ୍ ଲୋତେ ଓୟାନୁଡ୍ । ଓଡ୍ କିସ୍ପଇହ୍ତୁଡ୍ । ଏଟେଁ କୁନ୍ ଆସ୍କ୍ତୁଡ୍ । ଦାନା ଲଫଂଫାତେ ମନ୍ଦ୍ଲେ ପୋଟାଁ କୁନ୍ ବାହ୍ଡି ଓ୍ୱାଟ୍ ସିତୁଡ୍ । ପୋଟାନେ ପିତ୍ ମତ୍ତାଲ୍ ।



ଆଗରୁ କେହି ଦଉଡି ବ୍ୟବହାର କରୁନଥିଲେ । ଏଥରେ କୌଣସି କାମ ହେଉନଥିଲା । ମଣିଷ ଯେତେବେଳେ ଚାଷ କାମ କଲା ସେତେବେଳେ ଏହା ଦରକାର ବୋଲି ଜାଣିଲା । ଦୁଇ ଜଣ ସୌରା ଭାଇ ଥିଲେ । ଜଂଗଲୁ ଏବଂ ମଂଗଲୁ । ସେମାନେ ଦିନେ ମାଛ ଧରିବାକୁ ଗଲେ । ସେମାନେ ମାଛ ଧରି ଘରକୁ ଫେରିଲେ । ବାଟରେ ସେମାନେ ଭାବିଲେ । କଂକଡା ଗୁଡିକ ରାନ୍ଧି ଖାଇବେ ଓ ମାଛ ତକ ଘରକୁ ନେଇଯିବେ । ସେମାନେ ନିଆଁ ଜାଳିଲେ । କଙ୍କଡା ଗୁଡିକ କାଟିଲେ । ତା ଭିତରେ ଥିବା ଅନ୍ତନାଳୀ ଗୁଡିକୁ ବାହାରକୁ ଫିଙ୍ଗିଦେଲେ । ଅନ୍ତରାଳୀରେ ପିତକୋଷ ଥିଲା ।


ତାନା ପରେକ୍ ଓଡ୍‌ଲୋଡ୍ ଲୋତେ ମଲ୍‌ତୁଡ୍ । ଆଦ୍ ପୋଟାଁ ଆଉର ପିତ୍ତ ନେଲିତେ ମିଶି ଆତ୍ । ପିର୍ ୱ୍ୱାନାକେ ଆଦ୍ ମଡ୍‌ଡା ତିଡ଼ିତ୍ । ଆଦ୍ ମଡ୍‌ଡାତେ ଜାକାନାଁ କାଣ୍ଡାପସି ତୁହ । ଉଣ୍ଡିଦିନା ମାହାପୃ ନିକେଡାହ୍ ପାଇକ୍‌ତୁନ୍ ସପ୍ନାତେ ଇତ୍; ମଡ୍‌ଡାତୁନ ଗୋନ୍ଦା । ଆଗ୍‌ଡାହ୍‌ଲି ନୁଲ୍ ପସ୍‌ହା; ଆଡୁ ପାଇକ୍ ଠିକ୍ ଡଙ୍ଗ୍‌ତେ ଇଦ୍ କାମ୍ କିଇଲା ପରୋଡ୍ । ତାନ୍ନା ପରେକ୍ ଦିନ୍ ନର୍କାତେ ମାହାପୃ ଆଉର୍ ସପ୍‌ନ୍ନାତେ ଇତ୍; ମଡ୍‌ଡାତା କାନ୍ଦାତୁନ୍ ସାତ୍ ଦିନା ଏର୍‌ତେ ତାସ୍‌ସା । ଅଗ୍‌ଡାହ୍‌ଲି ନୁଲ୍ ପସ୍ୟାନା ଆଡୁ ପାକ ଆଦେନ କିତୁଡ୍ ଆଦ୍ ନୁଲ୍ ତାହ୍ ପେହ୍‌ଲି ମଡସ୍ ବନେ ମାତ୍ ।



ତା ପରେ ସେମାନେ ଘରକୁ ଫେରିଲେ । ସେ ଅନ୍ତରାଳୀ ଓ ପିତକୋଷ ମାଟିରେ ପୋତି ହୋଇଗଲା । ବର୍ଷା ହେବାରୁ ତାହା ଗଛରେ ପରିଣତ ହେଲା । ସେ ଗଛରେ ଶାଖା ପ୍ରଶାଖା ବାହାରିଲା । ଦିନେ ମହାପ୍ରଭୁ ଆଡୁ ପାଇକକୁ ସ୍ୱପ୍ନରେ କହିଲେ ଗଛକୁ କାଟ । ସେଥିରୁ ତନ୍ତୁ ବାହାର କର, ଆଡୁ ପାଇକ ଠିକ ଭାବେ ଏ କାମ କରିପାରିଲାନି । ତା ପର ଦିନ ରାତିରେ ମହାପ୍ରଭୁ ପୁଣି ସ୍ୱପ୍ନରେ କହିଲେ; ଗଛର ଡାଳକୁ ସାତଦିନ ପାଣିରେ ପକାଅ । ସେଥିରୁ ତନ୍ତୁ ବାହାରିବା ଆଡୁ ପାଇକ ତହା କଲା, ସେ ତନ୍ତୁରୁ ପ୍ରଥମେ ଦଉଡି ତିଆରି ହେଲା ।

# ଏନ୍ଦାନା ବଦାନ ଆତ୍ (ନାଚ ଓ ଗୀତର ସୃଷ୍ଟି)

ଅରଡ଼୍ ବେପାରୀ ମତ୍‌ତୋଡ଼୍ । ଓନୋଡ଼୍ ସାତ୍ ମର୍‌କ୍ ମତୋଡ଼୍ । ଓଡ଼୍‌ଡ଼ା ଲଫାଂତେ ହାରୁଡ଼୍ ଜନ୍ କମାଇ କିସକ୍ ମତୋଡ଼୍ । ହୁଡ୍ଡୁର୍ ଭାଇ ମାନ୍ତର୍ କର୍‌ସକ୍ ମତ୍‌ତୋଡ଼୍ । ଓଡ଼୍ ଆପୁନା ଝୁଲ୍‌ନାତେ ଦିନ୍‌ସାରା କର୍‌ସୋକ୍ ମତୋଡ଼୍ । ଇଦ୍ ପଲ୍‌ଲୋତେ ହାରୁଁ ଭାଇ ରିସ୍ ଆତୁଡ଼୍ । ଓନ୍ ହକ୍‌ଲା ଯୋଜନା କିତୁଡ଼୍ । ଉଣ୍ଡିଦିନା ଓଡ଼୍‌ଲୋଡ଼୍ ହେଡ଼୍ ପୁହିଲା ହତ୍‌ତୁଡ଼୍ । ହୁଡ୍ଡୁର୍ ଭାଇନ୍ ଜାଓ୍ୱା ତାରିଲା ଓ୍ୱାହତୁଡ୍ । ଓଡ୍ କର୍ ମେଞ୍ଜ୍‌ତେ ଜାତା ଲୋତ୍ ଚଟିଆ ମେଞ୍ଜୀତେ ଏର୍ ଆରୁ କିଦ୍‌ରି ପିଟେ ତା ଗାବ୍‌ଡ଼ା ତେ କୁସ୍‌ରି ଅସି ହତ୍‌ତୁଡ୍ । ଇଦେନ୍ ହୁଡ଼ସି ଭାଇଲୋଡ଼୍ ରିସ୍ ଆତୁଡ଼୍ । ଆତେକ୍ ନେଲିତା ଧଡ଼ିତେ ତିନ୍ଦିଲା ଓ୍ୱାତୁଡ଼୍ । ଓଡ଼୍‌ଲୋଡ଼୍ ଓନ୍ନ ତିନ୍ଦାନା ମାଡ଼୍‌ନାହ୍‌ଲି ହେଡ଼୍ ପୁହିଲା ଇତ୍‌ତୁଡ଼୍ । ହୁଡ୍ଡୁର୍ ଭାଇ ମୁନ୍ନେ ହେଡ଼୍‌ତୁନ୍ ପୟସି ଅଲିହ୍‌ତୁଡ଼୍ ।



ଜଣେ ବଣିକ ଥିଲେ । ତାଙ୍କର ସାତ ପୁଅ ଥିଲେ । ସେମାନଙ୍କର ମଧ୍ୟରୁ ଛଅ ଜଣ କାମ କରୁଥିଲେ । ସାନ ଭାଇଟି କେବଳ ଖେଳୁଥିଲା । ସେ ନିଜ ଦୋଳିରେ ଦିନସାରା ଖେଳୁଥିଲା । ଏ କଥାରେ ଛଅ ଭାଇ  ରାଗିଗଲେ । ତାକୁ ମାରି ଦେବାକୁ ଯୋଜନା କଲେ  । ଦିନେ ସେମାନେ ହଳ କରିବାକୁ ଗଲେ । ସାନ ଭାଇକୁ ପେଜ ଆଣିବାକୁ କହିଲେ । ସେ କୁକୁଡ଼ା ଅଣ୍ଡା ଖୋଳରେ ପେଜ, ଘରଚଟିଆ ଅଣ୍ଡା ଖୋଳରେ ପାଣି ଓ କାଠ ହଣା ଚଢ଼େଇ ଅଣ୍ଡା ଖୋଳରେ ତରକାରୀ ନେଇଗଲା । ଏହାଦେଖି ଭାଇମାନେ ରାଗିଗଲେ । ହେଲେ ଜମିର ସୀମାକୁ ଖାଇବାକୁ ଆସିଲେ । ସେମାନେ ତାକୁ ଖାଇବା ଶେଷ ହେବା ପର୍ଯ୍ୟନ୍ତ ହଳ କରିବାକୁ କହିଲେ । ସାନଭାଇ ପ୍ରଥମ ହଳଟି ଧରି ବୁଲାଇଲା ।

ଆଉଡ଼୍ ହେଡ୍‌କ୍ ଓନ୍ନା ଫରେକ ଫରେକ୍ ତାକ୍‌ତୁଁ । ଇଦାନ୍ ହୁଡ଼୍‌ସି ଭାଇଲୋଡ଼୍ ଓନ୍ ହକ୍‌ସି ନେଲିତେ ମିଶିତୁଡ଼୍ । ମୁଲ୍‌ତ୍ ଭାଇଲୋଡ଼୍ ଲୋତେ ମଲ୍‌ତୁଡ଼୍ । ଓଡ଼୍‌ଡ଼ାଁ ଆସ୍‌କ୍ ହୁଡୁର୍ ଭାଇନ୍ ହୁଡ଼ିପର୍‌ୱାନ୍ କା ପୁଛେମାତୁଁଡ଼ିଣ୍ଡା ନକୁଲ୍ ବଗ୍‌ଗା ? ଓଡ଼୍‌ଲୋଡ଼୍ ଇତୁଡ଼୍ ଓଡ଼୍ ଜାୱା ତଚ୍‌ଛି ଲୋତେ ୱାତୁଡ଼୍ । ଓଡ଼୍ ବଗ୍‌ଗା ବାତାୟ ମମ୍‌ମୋ ପୁନ୍‌ନୋମ୍ । ଆଦେ ନର୍କା ଆସ୍କ୍‌ଲି ଓନ୍ନୁ ଖୋଜିକିଲା ହତ୍‌ତୁଁ । ଆଉନେଲିତା ତଡ଼ିୟ କାଡ଼୍‌ସି ଓନ୍ ପସିହ୍‌ତୁଁ ଆଉର୍ ଲୋତେ ତତ୍‌ତୁଁ । ଇଦ୍‌ପଲୋ ହୁଡ଼୍‌ସି ଭାଇଲୋଡ଼୍ ବିଛାର୍ କିତୁଡ଼୍ ବାହ୍ କିକାଟ୍ । ବଦାନ୍ ହୁଡୁର୍ ଭାଇନ୍ ହକାନୁଡ଼୍, ବଦେ ଜାଗାତୁନ୍ ଆସ୍କ ପୁନ୍ଦିପରୋଁ ଆୟାନୁଁ ।



ଅନ୍ୟ ଗୁଡ଼ିକ ତା ପଛେ ପଛେ ଚାଲିଲେ । ଏ କଥା ଦେଖି ଭାଇମାନେ ତାକୁ ଖରାପ ବ୍ୟବହାର କେଲେ । ସେମାନେ ତାକୁ ମାରି ମାଟି ଭିତରେ ପୋତିଦେଲେ । ସଂଜ ହେଲା, ଭାଇମାନେ ଘରକୁ ଫେରିଲେ । ତାଙ୍କ ସ୍ତ୍ରୀ ମାନେ ସାନଭାଇକୁ ନ ଦେଖି ପଚାରିଲେ ଡ଼ିଣ୍ଡା ନକୁଳ କାହିଁ ? ସେମାନେ କହିଲେ; ସେ ପେଜ ନେଇ ଘରକୁ ଆସିଲା । ସେ କେଉଁଠି କିଛି ଆମେ ଜାଣିନୁ । ସେ ରାତିରେ ସ୍ତ୍ରୀମାନେ ତାକୁ ଖୋଜିବାକୁ ଗଲେ । ସେମାନେ ଜମିର ମାଟି ଖୋଳି ତାକୁ ବାହାର କଲେ ଓ ଘରକୁ ଆଣିଲେ । ଏ କଥା ଦେଖି ଭାଇମାନେ ଭାବିଲେ କଣ କରିବେ । କେମିତି ସାନ ଭାଇକୁ ମାରିବେ; ଯେଉଁ ଯାଗାକୁ ସ୍ତ୍ରୀମାନେ ଜାଣିପାରିବେନି ।

ଉଣ୍ଡି ଜାଗାତେ ଡ଼ାହ୍‌ନୀ ମଞ୍ଜାକ୍ ମତ୍‌ତାଲ୍ । ମାନେୟ୍ ଆଗା ହନ୍ଦିଲା ସାହାସ୍ କେଓଡ଼୍ ମତ୍‌ତୋଡ଼୍ । ଯଦି ବୋଡ଼େ ହଞ୍ଜାକ୍ ମତ୍‌ତୋଡ଼୍ ଡ଼ାହାନୀ ହକ୍‌ସି ହିସକ୍ ମତ୍‌ତାଲ୍ । ହାରୁଁ ଭାଇଲୋଡ଼୍ ଆଗା ହତ୍‌ତୁଡ଼୍ ।  ଆଗ୍‌ଗା ହୁଡ୍ଡୁକ ନେଲି ବନାହ୍ କିତ୍‌ତୁଡ଼୍ । ଅଞ୍ଜିଁ ୱିତ୍‌ତୁଡ଼୍ । ଫସଲ୍ ବଡ଼୍‌ସ୍ତ । ଓଡ଼୍‌ଲୋଡ଼୍ ରଣ୍ଡ୍‌ଫୁଟ୍ ଡ଼େଙ୍ଗ୍‌ତା ପାତୁର୍ କଠ୍ୟାନା ମାଛା ବନ୍‌ନାହ୍ କିତୁଡ଼୍ । ତାନ୍ନା ପରେକ୍ ହୁଡ୍ଡୁର୍ ଭାଇନ୍ ଇତୁଡ଼୍ ମମ୍‌ମୋ ନିୱା କାଜେ ନେଲି ବନ୍‌ନାହ୍ କିସିତୋମା । ଆଗ୍‌ଗା ଫସଲ୍ ଆତାଲ୍ । ପଦ୍‌ଦାଁ ତିନ୍ଦିଲା ପର୍‌ରାନୁଁ ନିମ୍ମା ଅଗ୍‌ଗାହନ୍ । ଆଗା ରାଖା କିକିନ୍ । ପେକାଲ୍ ଓନ୍ନା ଖାଦି ଆଉର୍ ସିକାରା ଓସି ଆଗାହତ୍‌ତୁଡ଼୍, ହିଡ଼ିଲା ମାଣ୍ଡା ହୁଡ଼ସି ଆଚାର୍ଜ ଆସି ହତ୍‌ତୁଡ଼୍ । ମାହାପ୍ରୂନ୍ ଇତ୍‌ତୁଡ଼୍, ଇଦ୍‌ଦେନ୍ ବାରାଫୁଟ୍ କିସିମ୍ । ଇଦ୍ ବାରା ଫୁଟ୍ ଡ଼େଙ୍ଗ୍ ଆସିହତ୍ । ଓଡ଼୍ ତାନ୍ନା ପର୍‌ରୋ ତଗ୍‌ତୁଡ଼୍ ।



ଗୋଟିଏ ସ୍ଥାନରେ ଡ଼ାହାଣୀଟିଏ ରହୁଥିଲା । ଲୋକମାନେ ସେଠାକୁ ଯିବାକୁ ସାହାସ କରୁନଥିଲେ । ଯଦି କିଏ ଯାଉଥିଲେ ଡ଼ାହାଣୀଟି ମାରି ଦେଉଥିଲା । ଛଅଭାଇ ସେଠାକୁ ଗଲେ ସେଠାରେ ଖଣ୍ଡିଏ ଜମି ତିଆରି କଲେ । ଧାନ ବୁଣିଲେ । ଫସଲ ବଡ଼ ହେଲା । ସେମାନେ ଦୁଇ ଫୁଟ ଉଚ୍ଚର ପତଳା କାଠରେ ଚାନ୍ଦିନୀ ତିଆରି କଲେ । ତା ପରେ ସାନ ଭାଇକୁ କହିଲେ; ଆମେ ତୋ ପାଇଁ ଜମିଟିଏ ତିଆରି କରିଛୁ । ସେଥିରେ ଫସଲ ହେଲାଣି । ଘୁସୁରୀ ଖାଇଯାଇ ପାରନ୍ତି । ତୁ ସେଠାକୁ ଯା । ସେଠି ଜଗିବୁ । ପିଲାଟି   ତା ଖାଦ୍ୟ ଓ କେନ୍ଦରା ନେଇ ସେଠାକୁ ଗଲା, ଛୋଟ ମଣ୍ଡପ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ମହାପ୍ରଭୁଙ୍କୁ କହିଲା; ଏହାକୁ ବାରଫୁଟ କରିଦିଅ । ଏହା ବାରଫୁଟ ଉଚ୍ଚ ହୋଇଗଲା । ସେ ତା ଉପରେ ଚଢ଼ି ଉଠିଥିଲା ।


ତାନ୍ନା ପର୍‌ରୋ ଉଡ୍‌ସି ସିକାରା ଗଡ୍‌ଜିହ୍‌ତୁଡ୍ । ସିକାରା ସ୍ୱର୍ କେଞ୍ଜି ଏକାଇଶି ହେଲହ୍ ଡ଼ାହାନୀଁ ଆଗାଓ୍ୱାତୁଁ ।  ଆଉସବ୍ ପର୍‌ରୋ ତଗ୍‌ଗିଲା ଚେଷ୍ଟା କିତ୍‌ତୁଁ । ଆତେକ୍ ପର୍‌ରୋଁ ଆତୁଁ । ପୁଛେ ମାତୁଁ, ନିମ୍ମାବୋଡ୍ ? ପେକାଲ୍ ଇତୁଡ୍, ନନ୍ନା ଡ଼ିଣ୍ଡା ନକୁଲ୍ ସୁଲିନକ୍ ଡ଼ାହାନୀ ଇତ୍‌ତୁଁ ନିମ୍ମା ମାଓ୍ୱଡ୍ ଭାଇ । ମାକୁନ୍ ଅରିଲାତି ବାଁକା ? ଆଛାକିସି ଗଡ୍‌ଜାହା ଆଉର୍ ଏନ୍ଦା ? ପେକାଲ୍ ଇତୁଡ୍ ନନ୍ନା ଗଡ୍‌ଜିହ୍‌କା ନିମ୍ମାଟ୍ ନାକୁନ୍ ପାଟାଁ କରିହ୍ ଚିକିଟ୍ । ଉଣ୍ଡିକୋଡ଼ିଉଣ୍ଡି ଜନ୍ନାଁ ସୁରଲିନିକ୍ ପାଟାଁ ଓ୍ୱାରୁତୁଁ ଆଉର୍ ଓନ୍ନ କରିହ୍‌ତୁଁ ।   ଡ଼ିଣ୍ଡାନକୁଲ୍ ଗଡ୍‌ଜିହ୍‌ତୁଡ୍ ଆଉର୍ ଆଉସବ୍ ଦୋଡ଼ି ବଓ୍ୱାଡ୍ ଆସି ଏନ୍ଦ୍‌ତୁଁ । ଇଦାନେ ଆଉ ସାତ ନର୍କା ଏନ୍ଦ୍‌ତୁଁ ।   ଡ଼ିଣ୍ଡାନକୁଲ୍ ଆଓ୍ୱେ ନିଖାଡ଼ା ସବ୍‌ୟ ବାନିଁ କମତାଁ ପାଟାଁ କରିତୁଡ୍ । ଓଡ୍ ଓ୍ୱାଡ଼ାତେ ମଲ୍‌ତୁଡ୍ ଓ୍ୱାଡ଼ାତୋଡ୍ ପେକୋଡ୍ ଆଉର୍ ପେକିଁକୁନ୍ ଏନ୍ଦାନା, ପାଟାଁ କରିହ୍‌ତୁଡ୍ ।



ରାତି ଖାଇବା ସରିବା ପରେ ବିଛଣା ବିଛାଇଲା । ତା ଉପରେ ବସି କେନ୍ଦରା ବଜାଇଲା । କେନ୍ଦରା ଶବ୍ଦ ଶୁଣି ଏକୋଇଶି ଭଉଣୀ ଡ଼ାହାଣୀ ସେଠାକୁ ଆସିଲେ । ସେମାନେ ଉପରକୁ ଚଢ଼ିବାକୁ ଚେଷ୍ଟା କଲେ । ହେଲେ ପାରିଲେନି । ପଚାରିଲେ ତୁମେ କିଏ ? ପିଲାଟି କହିଲା, ମୁଁ ଡ଼ିଣ୍ଡା ନକୁଳ; ଡ଼ାହାଣୀ ମାନେ କହିଲେ; ତୁମେ ଆମର ଭାଇ । ଆମକୁ ଡ଼ରୁଛ କାହିଁକି ? ଭଲ ଭାବେ ବଜାଅ ଓ ନାଚକର ? ପିଲାଟି କହିଲା; ମୁଁ ବଜାଇବି ହେଲେ ତୁମେ ମୋତେ ଗୀତ ଶିଖାଇଦେବ । ଏକୋଇଶି ଜଣ ଡ଼ାହାଣୀ ଗୀତ ଗାଇଲେ ଓ ଗୀତ ଶିଖାଇଲେ । ସେ ବଜାଇଲେ ଓ ଏମାନେ ତଳେ ଗୋଲେଇ ହୋଇ ନାଚିଲେ । ଏମିତି ସେମାନେ ସାତ ରାତି ନାଚିଲେ । ଡ଼ିଣ୍ଡା ନକୁଳ ତାଙ୍କ ଠାରୁ ସବୁ ରକମର ଗୀତ ଶିଖିଲା ।  ସେ ଗାଁକୁ ଫେରିଲା । ଗାଁର ପୁଅ ଓ ଝିଅମାନଙ୍କୁ ନାଚ, ଗୀତ ଶିଖାଇଲା ।

# ବସୁମତୀ ପେଗଡ଼ି (ବସୁମତୀ କନ୍ୟା)

ଅରଡ଼ ସଉକାର ଗଦବା ମାନେଃ ମାନେୟ । ଅନା ପାଦର ଅଙ୍ଗରା ମାତାଲ୍ । ଅନାଁ ବାର ଜାନ୍ଡ଼ ପିଲାଁ ମାତାଁ । ଅଡ଼୍ ଆଛା ଆଛାଡ଼ା । ପେର୍କିଁ ସଙ୍ଗେ ବିହାୟ କିସିତୁଡ଼ । ଅଡ଼ ହାୟଲତେ ଅନ ମାରିଲୋଡ ନାହନି କିସିତୁଡ଼୍ । ଅଲଡ଼ ବୁହୁନ୍ ଛାଲେ ମାସକ୍ ମାତଡ଼ ଆହନେ ସାବ୍ ଦିନା ଛାଲେ ମାନ୍ତଡ଼୍ । ଆଦ୍ ହକା ଏର୍ ଫୁଟ୍ ୱାୟ ମାତା, ଏର୍ ତାରଲା ହିଡ଼ିଲା ନାନ୍ଧି ଥିଗା ହାଞ୍ଜୀକ୍ ମାତଡ଼୍ । ୱାଡ଼ା ତୋଡ୍ମାନେଏ ଉଣ୍ଡି ଜାଗା ଜାମା ଆତୁଡ଼୍ । ଏର୍ କାଜେ ଉନ୍ଟାନ୍ କୂଆ କାଡାନ୍ କାଜେ ପାଲ୍ଲୋ ଅଡ଼କତୁଡ଼ । ହାନ୍ଧାନ ହକା ଅଙ୍ଗରା ମାଝ୍ ହେଡ଼େ ଉନ୍ଟାନ କୂଆ କାଡ଼ତୁଡ଼ । ୱଲଡ଼୍ ଆଠକାୟ କଦରା କାଡ଼୍ତୁଡ଼ । ପେରେଲେ ଚାଲା ଏର୍ ପାସ୍ ୟ । ମାଡେଙ୍ଗା ଦେ କାଡୟା କଲ୍ ପାସିଇତ ।




ଜଣେ ଧନୀ ଗଦବା ଥିଲେ । ତାଙ୍କର ନାମ ଅଙ୍ଗରା ଥିଲା । ତାଙ୍କର ୧୨ଟି ପୁଅ ଥିଲେ । ସେ ସେମାନଙ୍କୁ ଭଲ ଝିଅମାନଙ୍କ ସହିତ ବିବାହ କରିଦେଲେ । ସେ ମରିଯିବାରୁ ପୁଅମାନେ ତାଙ୍କର ଅନ୍ତେଷ୍ଟିକ୍ରିୟା କଲେ । ସବୁଦିନ ଯେପରି ଚଳନ୍ତି ସେମିତି ଚଳିବାକୁ ଲାଗିଲେ । ସେତେବେଳେ ସେଠାରେ ପାଣି ମିଳୁନଥିଲା, ପାଣି ଆଣିବାକୁ ଛୋଟ ଝରଣାକୁ ଯାଉଥିଲେ । ଗାଁର ଲୋକ ଚଉତରାରେ ଏକାଠି ହେଲେ । ପାଣି ପାଇଁ କୂଅଟିଏ ଖୋଳିବାକୁ ସ୍ଥିର ହେଲା । ଗଲାବେଳେ ଅଙ୍ଗାରାଙ୍କ ସମାଧି ପାଖରେ କୂଅଟିଏ ଖୋଳିଲେ । ସେମାନେ ଆଠ ହାତ ଗଭୀରର ଗାତ କଲେ । ହେଲେ ପାଣି ବାହାରିଲାନି । ଶେଷରେ କଳା ପଥରଟିଏ ବାହାରିଲା ।

ଆଦେନା ପାରେକ୍ କାଲ୍ୟା କାଲ୍ ପାସିତ୍ । ଆଦ କାଲ୍ଦା ଦୋଡି ବସୁମତୀ ପେଗଡ଼ି ମାନ୍ତାଲ । ବାରା ଭାଇଲୋଡ଼ ସାତ୍‌ଦିନା ସାତ୍ ନର୍‌କା ପାୟ୍‌ସି କାଡ୍‌ତୁଡ୍ । ଶେଷତେ ଅରଡ୍ ଭାଇହାଡ଼ାନା କୁଞ୍ଚ ବସୁମତୀ ପେଗଡ଼ି ଦାଁ ପାଟା ଲାପା ଗାଡ୍‌ତୁ । ଆଗ୍‌ଡ଼ାଛିନ୍ ଆଛାୟ ପେନ୍‌କ୍ ପାସିତୁଁ । ଆରୁ କୂଆତେ ଏର ନିନ୍ଦ୍‌ତା । ପେନ୍‌କ୍ ମୁଣ୍ଡ ଜାନଡ଼ ଭାଇଲ ଡ଼କୁନ୍ ପାଇସି ଅତୁଡ୍ । ଆଦମାନେଏ ଲୋଡ଼ କୂଆ ଲାପାଡ଼ାହଲେ ପାର ମିର୍‌ତୁଡ୍ । ତେବେଲେ ଗାଲା ଅଲଡ଼କୁନ ଛାଣ୍ଡି କେଓ୍ୱୁଁ । ଅଲଡ଼୍ ମାନେଏ ଲଡ଼୍‌କୁନ୍ ହୁଡ଼ତେକ ଡୁଓ୍ୱାହ୍ ଲେହକା ପୁଡସି ଅନ୍ଧୁ ।



ସେ ପଥର ତଳେ ବସୁମତୀ କନ୍ୟା ରହୁଥିଲେ । ବାର ଭାଇ ସାତ ଦିନ ସାତ ରାତି ଧରି ତାକୁ ଭାଙ୍ଗିଲେ । ଶେଷରେ ଜଣେ ଭାଇର ଶାବଳ ବସୁମତୀ କନ୍ୟାର ପେଟରେ ଫୁଟିଗଲା । ସେଥିରୁ ବହୁତ ଦେବତା ବାହାରିଲେ ଓ କୂଅଟି ପାଣିରେ ପୁରିଗଲା । ଦେବତାମାନେ ତିନି ଭାଇଙ୍କୁ ଧରିନେଲେ । ଅନ୍ୟମାନେ କୂଅ ଭିତରୁ ବାହାରକୁ ଡ଼େଇଁଗଲେ । ହେଲେ ଦେବତାମାନେ ତାଙ୍କୁ ଛାଡ଼ିଲେ ନାହିଁ । ସେମାନେ ମଣିଷକୁ ଦେଖିଲା ମାତ୍ରେ ବାଘ ପରି ତାଙ୍କୁ ମାଡ଼ି ବସୁଥିଲେ ।

ହେଡ୍ଡେତା ମାଟାତେ ଶୁକ୍ରଗୁରୁ ମାଞ୍ଜକ୍ ମାତଡ଼୍ । ଅଡ଼୍ଇଦ୍ ପାଲ୍ଲୋତୁନ୍ କେଞ୍ଜାତୁଡ଼୍ । ଅଡ଼୍ ବାରାଟାନ୍ ଗାଡ଼ା ପାଇସି କରକ୍ ପାଦି ନାଡ଼୍ହେଲ୍ ପାଇସି ପେନ୍କୁନ୍ କଜ୍ କିଲା ହାତୁଡ଼୍ । ଶୁକ୍ର ଗୁରୁ ପେନକୁଦ୍ ବେଟେ ମାତୁଡ଼୍ । ଅଡ଼୍ କିଲ୍ସି କିଲସି ଅନା କାଲ ଦିଗା ଆଡ଼୍ସି ଇତୁଡ଼୍ । ନନ୍ନା ନିୟା କାଜେ ତିନ୍ଦାନା ତାଛିତାନା । ଏଦେକ୍ ମାନେଏ ଲଡ଼୍କୁନ୍ ତିନ୍ ମାଟ୍ । ପେନ୍କ୍ ଲଡ଼୍ ହାଡ଼ିକ ଆତୁଡ଼୍ । ଗାଡ଼୍ ଥିଗା ମାନ୍ଦଲେ ତିନ୍ଦାନାକୁନ୍ ତିତୁଡ଼୍ । ଶୁକ୍ରଗୁରୁ ଇତୁଡ଼୍ । ଏଦେକ ଗଦବା ମାନେଏ ଲଡ଼୍ ଇଦାନେ ତିନ୍ଦାନା ହିୟାନୁଡ଼୍ ଅଲଡ଼୍ ମିକୁନ୍ ପୂଜା କିୟାନୁଡ଼୍ । ଆଦେ ଦିନା ତାହଛିନ୍ ଗଦବା ମାନେଏ ଲଡ଼୍ ପେନ୍କ୍ କୁନ୍ ପୂଜା କିୟାନା ସୁରୁ କିତୁଡ଼୍ ।



ପାଖ ପାହାଡ଼ରେ ଶୁକ୍ର ଗୁରୁ ରହୁଥିଲେ । ସେ କଥା ଶୁଣିଲେ । ସେ ବାରୋଟି ଶଗଡ଼ରେ ଅଣ୍ଡା, ଘୁଷୁରୀ ଓ ନଡ଼ିଆ ଧରି ଦେବତା ମାନଙ୍କୁ ଖୋଜିଲେ । ଶୁକ୍ର ଗୁରୁ ଦେବତା ମାନଙ୍କୁ ଭେଟିଲେ । ସେ କାନ୍ଦି କାନ୍ଦି ତାଙ୍କ ପାଦ ତଳେ ପଡ଼ି କହିଲେ, ମୁଁ ତୁମମାନଙ୍କ ପାଇଁ ଖାଦ୍ୟ ଆଣିଛି । ଏବେ ମଣିଷ ମାନଙ୍କୁ ଖାଅ ନାହିଁ । ଦେବତାମାନେ ଖୁସି ହେଲେ । ଶଗଡ଼ରେ ଥିବା ଖାଦ୍ୟ ଖାଇଲେ । ଶୁକ୍ର ଗୁରୁ କହିଲେ ଏଥର ଗଦ୍ବାମାନେ ଏମିତି ଖାଦ୍ୟ ଖାଇବାକୁ ଦେବେ । ସେମାନେ ତମ ମାନଙ୍କୁ ପୂଜା କରିବେ । ସେହିଦିନ ଠାରୁ ଗଦବାମାନେ ଦେବତାମାନଙ୍କୁ ପୂଜା କରିବା ଆରମ୍ଭ କଲେ ।

# ତୁରାଇ ମାଇ ଆଡ଼ତାପାଲୋ (ତୁରାଇ ମାଇର ପରିବାର)

ତୁରାଇ ମାଇ ପାଦର୍ ତଡ଼ ଅରଡ଼ ଲାୟଡ୍ ମାତଡ଼ା ଅଡ଼ ସାବ ଦିନା ପାନ୍ଧାଁ ଜାଲକ୍ ଅଗସି ସାବଦିନା ପିଁଟେ ଜଂକାନା ଅନା କାମ ଆନ୍ଧ୍ । ଅଡ଼ ଉଣ୍ଡି ସୁନ୍ଦରୀ ଲାୟ୍‌ଦାଲ୍ ତୁନ୍ ବିହାୟ ଆତୁଡ଼୍ । ଲାୟ୍‌ଦାଲ୍  ଅନ୍ ଖରାପ୍ ବେବାର୍ କିସକ୍ ମାତାଲ୍ା ନିମା ଲତା ପାଲ୍ଲୋଦୁନ୍ ବୁଜେ ମାୟୱି । ସାବ୍ ଦିନା ନିମା ପିଟେଁ ଜକ୍‌ଲାତି । ଇଦାନ୍ ଇଞ୍ଜି ଅନ୍ ଲତାହ୍‌ଲେ ପାସିହଛିତ୍ । ଅଡ଼ ଲାୟଡ୍ ବାହ୍‌କିଖା ଇଞ୍ଜି ବାହ୍‌ଡ଼ି ହାତୁଡ଼୍ । ନାର୍‌ଖା ଏକ୍‌ଦାମ ଗରିପ୍ ହାଲ୍‌ତେ ହିକେହାକେ ?



ତୁରାଇ ମାଇ ନାମକ ଜଣେ ଯୁବକ ଥିଲା । ସେ ଦିନସାରା ଫାଶ ବସାଇ ଅବା ତୀର ମାରି ଚଢ଼େଇ ମାରୁଥିଲା । ସେ ଗୋଟିଏ ସୁନ୍ଦରୀ ଝିଅକୁ ବିଭା ହୋଇଗଲା । ଝିଅଟି ତାକୁ ଖରାପ ବ୍ୟବହାର କରୁଥିଲା । କହୁଥିଲା ତୁମେ ଘର କଥା କିଛି ବୁଝୁନ । ସବୁବେଳେ ଚଢ଼େଇ ମାରୁଛ । ଏହା କହି ତାକୁ ଘରୁ ବାହାର କରିଦେଲା । ପିଲାଟି କଣ କରିବ ଭାବି ସେ ବାହାରକୁ ଗଲା । ରାତିରେ ଦୀନହୀନ ଅବସ୍ଥାରେ ଏଣେତେଣେ ବାରଣ୍ଡାରେ ଶୋଇଲା । ତା ପରଦିନ ତା ସ୍ତ୍ରୀ ସେମିତି ବ୍ୟବହାର କଲା । ସେ ଘରୁ ବାହାରିଗଲା ।

ମାଣ୍ଡାତେ ରାମ୍ବୁତଡ଼୍ । ତାନା ପାରେକ୍ ଦିନା ଆଛ୍‌ରେ ହାଲ୍ କିତୁ । ଅଡ଼୍‌ଲତାହ ପାସିସି ହାତୁଡ଼୍ । ଉଣ୍ଡିଦିନା ଆଡ଼୍‌ହାଡ଼୍‌ନାପାଲ୍ଲୋ ସାହେ ମାଇଲା ପାରଡ଼୍ । ନାର୍‌ଖାତେ କାମନା ତିକେ ହାତୁଡ଼୍ । ପିଟେଏଁ କଜି କିତୁଡ଼୍ । ଅନା କାରମ୍ ଦୁନ ନିନ୍ଦା କିତୁଡ଼୍ ଆରୁ ଆଛାୟ କିଲ୍‌ତୁଡ଼୍ । ପେନ୍‌କ୍‌ନଡ଼୍ ଅରଡ଼୍ ଜାଦୁଗର୍ ମାନ୍ଧୁଡ଼୍ । ଅନାପାଦର୍ କନଗ୍‌ର ମାନ୍ଧ । ଅଡ଼୍ ଜାଦୁଗାର୍ ହିସାପତେ ଜାନ୍‌ତିନ୍ ମାତାଡ଼ା । ଅନାଅଡ଼୍ ମାଦେୟ ନା କିଲାନା କେଞ୍ଜାତୁଡ଼୍ । ହିଗାୱ୍ୱାସି ପୁଛେ ମାତୁଡ଼୍, ଓ୍ୱାହା ନିୟାଁ ଦୁଃଖ ବାତା ଆନ୍ଧ୍? ନିମା ଇଦାନେ କିଲାତେ ବାଁକାଜେଁ? ପେକାଲ ସାବୋୟ ପାଲ୍ଲୋଁ ଓ୍ୱାହତୁଡା ସାବୋୟ ପାଲ୍ଲୋଁ କେଞ୍ଜସି ଇତୁଡ଼୍ ହାରବାର ଆୟମା ।



ଦିନେ ସ୍ଥିର କଥା ସହି ପାରିଲାନି । ରାତିରେ ବଣକୁ ଗଲା । ପକ୍ଷୀ ଖୋଜିବାକୁ ଲାଗିଲା । ସିଏ ଭାଗ୍ୟକୁ ନିନ୍ଦା କଲା ଓ ଜୋରରେ କାନ୍ଦିବାକୁ ଲାଗିଲା । ଦେବତାଙ୍କର ଜଣେ ଯାଦୁଗର ଥିଲେ । ତାଙ୍କର ନାଆଁ କୁନଗୁର ଥିଲା । ସେ ଯାଦୁଗର ହିସାବରେ ପ୍ରସିଦ୍ଧ ଥିଲେ । ସେ ପିଲାଟିର କାନ୍ଦଣା ଶୁଣିଲେ । ତା ପାଖକୁ ଆସି ପଚାରିଲେ, କହ ତୋର ଦୁଃଖ କଣ ? ତୁ ଏମିତି କାନ୍ଦୁଛୁ କାହିଁକି ? ପିଲାଟି ସବୁ କଥା କହିଲା । ସେ ସବୁ କଥା ଶୁଣି କହିଲେ, ବ୍ୟସ୍ତ ହୁଅନି । ମୁଁ ଏହାର ପ୍ରତିକାର କଥା କହିଦେବି ।

ନନ୍ନା ତେନା ବିଛାର ଦା ପାଲ୍ଲୋ ୱ୍ୱାହଛିକା । ଯାଦୁଗାର୍ ତାଲାତାହଲେ ଉଦ୍‌ଟାନ୍ କାଲ ତାତୁଡ଼୍ ମେନ୍ଧଲ୍ ତାହ୍‌ଲେ ହୁଡ୍ଡୁକ୍ ମେୟୁଲ ପାସିହତୁଡ଼୍ ରାଣ୍ଡଟାନ ପିପ୍‌ଡ଼ି ଆଖୃତେ ଆଦେନ ଛିପ୍‌ଟା କିସିତୁଡ଼୍ । ଆଦେନ୍ କିସ୍‌ତେ କାଡ଼ିହତୁଡ଼୍ । ଆଦ୍ ନିର୍‌ଦୁନ୍ ପେଖାନ୍ ହିତୁଡ଼୍ । ଇତୁଡ଼୍ ଇଦ୍ ଗୁଣ୍ଡା ଅସି ନିୟା କଇତାଡ଼୍ ତିନ୍ଧା ନାତେ ତାସିକି । ବାଦାନ୍ କି ଇଦେନ ହୁଡ଼୍‌ମାକି । ପେକାଲ ଅନ୍ନା ପାଲ୍ଲୋ କେଞ୍ଜସି ଲତେ ୱ୍ୱାତୁଡ଼୍ । ଅନା ଇନ୍ଧାନା ଅନୁସାର୍ ଦେ ତିନ୍ଧାନା ଜିନିଷ ଦେତାନ୍ ମିଶାହ୍ କିସି ତୁଡ଼୍ । ଏଦାଁର ତାନା କିୟତାଡ଼୍ ଅନ୍ ଆଛାଡ଼ା ପାଲ୍ଲୋ ଅଡକତ୍ । ପେକାଲ୍ ଗୁରୁନ୍ ବିଗା ୱ୍ୱାତୁଡ଼୍ ଆରୁ ଅନାଓ୍ୱ ଶିଷ୍ୟ ଆତୁଡ଼୍ ।



ଯାଦୁଗର ମୁଣ୍ଡରୁ ଗୋଟିଏ ବାଳ ଆଣିଲେ । ଦେହରୁ କିଛି ମଳି ବାହାର କଲେ । ଦୁଇଟି ପିପଳି ପତ୍ରରେ ତାକୁ ଗୁଡ଼ାଇଲା । ତାକୁ ନିଆଁରେ ପୋଡ଼ିଲା । ସେ ପାଉଁଶକୁ ପିଲାଟିକୁ ଦେଲା କହିଲା- ଏହି ଗୁଣ୍ଡ ନେଇ ତୁମ ସ୍ତ୍ରୀଙ୍କ ଖାଇବାରେ ପକାଇ ଦିଅ । ଯେମିତି ସେ ଏହା ନ ଦେଖେ । ପିଲାଟି ତାଙ୍କ କଥା ଶୁଣି ଘରକୁ ଆସିଲା । ତାଙ୍କ କହିବା ଅନୁସାରେ ଜିନିଷଟାକୁ ମିଶାଇ ଦେଲା । ଏଥର ତା ସ୍ତ୍ରୀ ତାକୁ ଭଲ କଥା କହିଲା । ପିଲାଟି ଗୁରୁଙ୍କ ପାଖକୁ ଅସିଲା । ତାଙ୍କର ଶିଷ୍ୟ ହେଲା ।

# କାଚ୍‌କାଚଇଁ ପେନ୍‌କ୍ ଆରୁ ନାତିନ୍ ପେଗଡ଼ି (ଦେବତା ମଣିଷ ବାହାଘର)

ଆଦ୍ ଆଚାଏ ଦିନା ଦଡ଼ିତା ପାଲ୍ଲୋ । ଉଣ୍ଡି ଜାନା ଗଦବା ମିତାଡ଼୍ ଅନା ନାତିହାଡ଼ିନ ସୁଦା ମାନ୍ଦୁଁ । ଆଓ୍ୱ ବେରେଣ୍ଡି ମାଟା ତିଗା ମାଞ୍ଜିକ୍ ମାତାଁ । ଉଣ୍ଡିଦିନା ଆଶାଢ଼ୀ ବୁରିୟା ପେନ୍ ମିତାଡ଼୍ ଦୁନ୍ ହୁତିଲା ଓ୍ୱାତ୍ । ଆଦ ନୁକାଁ ଦାଡ଼ଙ୍ଗ ମାଲା ସାଙ୍ଗେ ଇନାମ୍ ହିୟାନ୍ କାଜେ ତାତ୍ । ମିତାଡ଼୍ ଆଦେନ ଉଞ୍ଜିତ୍ । ଇତ ନା କାଜେ ଲାନ୍ଧା ବାଁ କାଜେ ତାଚି ମାତାନି । ପେନ୍ ଇତ୍ । ନାନ୍ନା ନିଓ୍ୱା ନାତ୍ ନିନ୍ ତୁନ୍ ବିହାୟ ଆୟାନ୍ କାଜେ ମନ୍ କିତାନା । ମିତାଡ଼୍ ଇଦ୍ ପାଲ୍ଲୋ କେଞ୍ଜସି ରିଷ୍ ଆତ୍ ଆଦ୍ ଜିଟ୍‌କା କାୟଷୁସୁର ତାଚି ପେନଦୁନ୍ ହାଲ୍‌ହିତ୍ । ଆଦେନା ବାଡଙ୍ଗ ସାୟାନା ଜାଗାତୁନ ଅହ୍‌ଚିତ୍ ଆଦ କଲ୍‌ହାଡ଼୍ କିଷି ଇତ୍ ନାଓ୍ୱା ନାତି ହାତେକ୍ ନାନା ବହୁନ୍ କିସି ମାନ୍ଦକା ।



ସେ ଅନେକ ଦିନ ତଳର କଥା । ଜଣେ ଗଦବା ବୁଢ଼ି ତା ନାତୁଣୀ ସହିତ ରହୁଥିଲା । ସେମାନେ ବୋରେଣ୍ଡି ପାହାଡ଼ରେ ରହୁଥିଲେ । ଦିନେ ଆଶାଢ଼ୀବୁରିୟା ଦେବତା ବୁଢ଼ୀକୁ ଦେଖିବାକୁ ଆସିଲେ । ସେ ଚାଉଳ ମଦ (ହାଣ୍ଡିଆ) ସାଙ୍ଗରେ ଉପହାର ଦେବାକୁ ଆଣିଥିଲେ । ବୁଢ଼ି ତାକୁ ପିଇଲା । କହିଲା, ମୋ ପାଇଁ ହାଣ୍ଡିଆ କାହିଁକି ଆଣିଥିଲ ? ଦେବତା କହିଲେ ମୁଁ ତୁମ ନାତୁଣୀକୁ ବିଭା ହେବାକୁ ଇଚ୍ଛା କରୁଛି । ବୁଢ଼ି ଏକଥା ଶୁଣି ରାଗିଗଲା । ସେ ପହଁରା ଆଣି ଦେବତାଙ୍କୁ ପିଟିଲା । ତାଙ୍କ ମଦ ଜାଗାଟିକୁ ଭାଙ୍ଗିଦେଲା । ସେ ଚିତ୍କାର କରି କହିଲା । ମୋ ନାତୁଣୀ ଚାଲିଗଲେ ମୁଁ କେମିତି ରହିବି ।

**ପେନ୍ ହାତେହାତ୍ । ଅଡ୍ ହନ୍ଦଲେ ପାରେଖ୍ ପେଗଡ଼ିଦା ଚେତା ଡୁବେମାତ୍ । ମିୟତାଡ୍ ତାନାବୁଲ୍ ବୁଜେ ମାତ୍ । ଆଦ୍ ପେଗଡ଼ି ଦା କାରଲାହି ହୁଡ୍‌ତ୍ । ପେଗଡ଼ି ହାସିୟାଲ୍ ଇଞ୍ଜି ପେନ୍‌ତୁନ୍ ଖୋଜିକିତ୍ । ପେନ୍‌ତୁନ୍ ଆୱାହ୍ । ପାଲେକ୍ ଗୁନିୟା ନିଗା ହାତ୍ । ୱନ ସାବତୁନ ୱାହଚିତ୍, ଦିଶାରୀ, ଇତୁଡ୍ । ଇଦ୍ ଉନ୍‌ଟାନ୍ ହଜର ଗଟ୍‌ନା ଆନ୍ଦ୍ । ପେନ୍ ନିୱା ନାତିନ୍ ତୁନ୍ ବିହାୟ ଆଇଲା ମାନ କିସ୍‌ମାତାଲ । ନିମା ମାତଡ୍ ଆଦ୍ ପାଲ୍ଲୋ କେଞ୍ଜାୱା ନିମା ରାଜି ଆୟାନା ମାତା । ନିମା ଉନଟାନ କାମ୍ କିମ୍‌ ହାରି ପାସ୍‌ହାଟ୍ । ଦୁଲହିଁ ଦୁଲ୍‌ହାଁ ହାଣ୍ଡାନୁଡ୍ । ଆଦାନେ ବିହାୟ ଆନ୍ତାଲ ଆଦାନେ ଆୟାଲା ଦୁଲହାଲ ମାନ୍‌ଡ୍ । ଆଦ ପେନ୍‌ଦା ପାଦ୍‌ରତେ ଆୟାଲା ମିତାଡ୍ ଆଦାନେ କିତ୍ । ଇତ୍ ପେଗଡ଼ି ସାମନ ଆଷି ହାତ୍ । ଆଦ୍ ଐସରିକ୍ ଶାକ୍ତି ପାଡ଼ତ୍ ଆରୁ ସେୱା କିତ୍ ।**



ଦେବତା ଚାଲିଗଲେ । ସେ ଯିବା ପରେ ଝିଅଟିର ଚେତା ବୁଡ଼ିଗଲା । ବୁଢ଼ି ତାର ଭୁଲ ବୁଝିଲା ସେ ଝିଅ ଅବସ୍ଥା ଦେଖିଲା । ଝିଅଟି ମରିଯିବ ବୋଲି ଭାବି ଦେବତାଙ୍କୁ ଖୋଜିଲା । ହେଲେ ପାଇଲାନି । ଶେଷରେ ସେ ଦିଶାରୀ ପାଖକୁ ଗଲା ଓ ତାକୁ ସବୁ କହିଲା । ଦିଶାରୀ କହିଲା, ଏହା ଗୋଟିଏ ଗୁରୁତର ଘଟଣା । ଦେବତା ତୁମ ନାତୁଣୀ ବିଭା ହେବାକୁ ଇଚ୍ଛା କରୁଥିଲେ । ତୁମେ ସେ କଥା କଲନି । ତୁମେ ରାଜି ହୋବାର ଥିଲା । ତୁମେ ଗୋଟିଏ କାମ କର । ବାଟ ବାହାର କର । ବରଯାତ୍ରୀ ମାନେ ଯିବେ । ଯେମିତି ବାହାଘର ହୁଏ ହେବ । ବର ରହିବନି । ହେଲେ ସେହି ଦେବତାଙ୍କ ନାମରେ ହେବ । ବୁଢ଼ିଟି ତାହାହିଁ କଲା । ଝିଅଟି ସମନ ହୋଇ ମଲା । ସେ ଐଶ୍ୱରୀକ ଶକ୍ତି ପାଇଲା ଓ ତାକୁ ପୂଜା କଲେ ।

# ରାଜାରାନୀ ନାଁ ପାଲ୍ଲୋ (ରାଜାରାଣୀଙ୍କ କଥା)

ଟିପାଲି ସାହାଡ଼୍ ଦେ ଶୋଇ କନ୍ଧ ପାଦର୍ ତୋଡ଼୍ ଓରୋଡ଼୍ ରାଜାଲ୍ ମାତୋଡ଼୍ । ରାଜା ନାଁ ମୁଣ୍ଡ୍ ଜାନା ରାନୀ ମାତାଁ ଆଉର୍ ସାତ୍ ଜାନୋଡ଼୍ ପେକଡ଼୍ ମାତୋଡ଼୍ । ଅମର୍ ପୁଡ଼ା ତଡ଼୍ ରାଜାଲ୍ ମାତୋଡ଼୍ ବାଲୋଡ଼୍ ସିଂ । ଓ୍ୱଡ଼୍ ଉଣ୍ଡିଦିନା ଟିପାଲି ସାହାଡ଼୍ ଦେ ଓ୍ୱାସି ହଜର ରାନୀଦୁନ୍ ଅତୁଡ଼୍ । ଇଦ୍ ପାଲ୍ଲୋଦୁନ୍ ବୋଡ୍ଡେ ପୁନଡ଼୍ ଆତୁଡ଼୍ । ରାଜା ଶୋଇ କନ୍ଧ ଚେଲା ଚାମ୍ଡ଼ାଁ ଲୋଡ଼କୁନ୍ ପାଇସି ରାନୀନ ଖୋଜି ଖିଲା ହାଥୁଡ଼୍ । ଓ୍ୱଡ଼୍ ଆଚାୟ ସାହାଡ଼୍ ଖୋଜି ଖ୍ୱିତୁଡ଼୍ ତାବଲେ ଗାଲା ରାନୀନା ଖବର ମିଡେ । ଆକ୍ରିତେ ଆମର ପୁଡ଼ା ପହଂଚେ ମାତୁଡ଼୍ । ଅଡ଼୍ଲୋଡ଼୍ ରାଜୟୋର ବାନ୍ଧା ଡିଗା ମାନ୍ଧାନା ବାନାହ୍ କିତୁଡ଼୍ । ଇଦ୍ ସାହାଡ଼୍ ଦେ ହାଥୁଡ଼୍ ଆଉର ଡେଡ଼ା ଆତତୁଡ଼୍ ।



ଟିପାଲି ସହରରେ ଶୋଇ କନ୍ଧ ନାମରେ ରାଜା ବାସ କରୁଥିଲେ । ତାଙ୍କର ତିନିଜଣ ରାଣୀ ଥିଲେ ଓ ସାତୋଟି ପୁଅ ଥିଲେ । ଅମରପୁରର ରାଜା ଥିଲେ ବାଲୋଡ଼ ସିଂ । ସେ ଦିନ ଟିପାଲି ଆସି ବଡ଼ ରାଣୀକୁ ନେଇଗଲେ । ଏକଥା କେହି ଜାଣି ପାରିଲେନି । ରାଜା ଶୋଇ କନ୍ଧ ସୈନ୍ୟ ସାମନ୍ତ ନେଇ ରାଣୀଙ୍କୁ ଖୋଜିବାକୁ ପହଞ୍ଚିଲେ । ସେ ରାଜ୍ୟ ଖୋଜିଲେ ହେଲେ ରାଣୀଙ୍କ ସନ୍ଧାନ ପାଇଲେନି । ଶେଷରେ ଅମରପୁରରେ ପହଞ୍ଚିଲେ । ସେ ରାଜ୍ୟର ହ୍ରଦ ପାଖରେ ଡ଼େରା ପକାଇଲେ । ସୈନ୍ୟ ମାନେ ମଧ୍ୟାହ୍ନ ଭୋଜନ ପାଇଁ ଖାଇବା ଜିନିଷ ତିଆରି କରୁଥିଲେ ।

ଚେଲା ଚାମଡ଼ା ଲୋଡ଼୍ ମାଇଦେନା ତିନ୍ଦାନ କାଜେ ଜିନିଷ ବାନାହ କିଷୋକ ମାତଡ଼୍ । ଇଛେକାୟ୍ ଆମର ପୁଡ଼ା ତିଗା ଆଉତୁଡ଼୍ । ଆଟକାୟ ଆମର ପୁଡ଼ା ତୋଡ଼ ରାଜାନ୍ ଆଡ଼୍ହାଡ଼ି ନାହାୟ ଖି୍ଲା ଓ୍ୱାସି ମାତାଲ୍ । ରାଜାଲ୍ ତାନା ହେଡ୍ଡେ ହାଥୁଡ଼୍ । ତାନ୍ ଆଛାୟ ଆଛା ଆଛାଡ଼ାଁ ଜିନିଷ ହିକା ଇନ୍‌ଜି ଇତୁଡ଼୍ । ତାନା ହିଗ୍‌ଡ଼ା ହଟିନ୍ ରାନୀନା ଖବର୍ ପାଡ଼୍‌ତୁଡ଼୍ । ରାଜାଲ୍ ଇଦ୍ ପାଲ୍ଲୋ କେନ୍‌ଟି ଅମର୍ ପୁଡ଼ା ଲେହିଲା ଚେଲା ଚାମ୍‌ଡ଼ା ଲୋଡ଼୍ କୁନ୍ ଆଦେଶ୍ ହିତୁଡ଼ । ଯୁଦ୍‌ଦାଁ ବାଜାଁ ଗାଡ଼୍‌ଜ୍‌ତୁଁ । ଚେଲା ଚାମ୍‌ଡ଼ା ଲୋଡ଼୍ ଅମର ପୁଡ଼ା ସାହାଡ଼ଡେ ଦିଁଗା ହଡ଼ିଇ ତୁଡ଼୍ । ଯୁଦ୍ଧ ଆତ୍ । ସେନାଲଡ଼୍ ଆଦା ମାନେନ୍ ଜନ୍‌ସିତୁଡ଼୍ । ଅଡ଼ା ମୁଲ୍‌ପେ ତିନ୍ଦାନା ବେରା ଆତ୍ । ଯୁଦ୍ଧ ବନ୍ଦ ଆତ୍ । ତାନା ପାଜା ଦିନା ଆଉର୍ ଆଧା ଜାନ୍ ମାନେଏ କୁନ୍ ଝକ୍‌ସି ତୁଡ଼୍ । ଆଗ୍ ଡ଼ାହଟିନ୍ ରାନୀନ୍ ତାଛି ଆପୁନା ସାହାଡ଼ ଦିଗା ଓ୍ୱାତୁଡ଼୍ । ଆଧା ହାରିତେ ରାଜାନ୍ ଏର୍ ଉଣ୍ଡିଲା ଓ୍ୱାହ୍‌ତ । ଉଡ଼୍ ଉଣ୍ଡିଟାନ୍ ବାନ୍ଦା ହୁଡ଼୍‌ତୁଡ଼ । ଓନ ଇଛର ଏର ଉଣ୍ଡି ଓ୍ୱାହଛି ମାତାକି ଓଡ଼ ବାନ୍ଦାନା ଏର ଦୁନ୍ ଉଟୁ ଆଦେ ବାନ୍ଧା ଯାଦୁ ବାନ୍ଧା ମାତାଲ୍ । ଏର୍ ଉଟୁଡ଼୍ ତାହଲେ ବାନ୍ଦା ଦିଗଡ଼ା ଯାଦୁ ବିଦ୍ୟା ସାବ୍ ରାଜା ନିଗା ହଡ଼ିତ୍ । ଆଖି୍ରିତେ-ବାନ୍ଧା ଅତ୍‌ତୁ । ରାଜାଲ୍ ଲୋତେ ଓ୍ୱାସି ଓନୋଡ଼୍ ସାତ୍ ଜାନୋଡ଼ ମାର୍‌ହାଡ଼ାଲୋଡ଼୍ କୁନ୍ ଯାଦୁ ବିଦ୍ୟା ଖାରିହ୍ ତୁଡ଼୍ । ଓ୍ୱାଲୋଡ଼ ପେହଲି ଯାଦୁବାଲା ଲୋଡ଼୍ ଆତୁଡ଼୍ । ତାନା ପାଜା ଅଡଲୋଡଲାଁ ଆଛାୟ୍ ଶିଷ୍ୟଲୋଡ଼୍ ଆତୁଡ଼୍ ।



ଏତିକିବେଳେ ଅମର ପୁରର ରାଜଙ୍କ ବାରିକର ସ୍ତ୍ରୀ ସେଠାକୁ ଗାଧୋଇବାକୁ ଆସିଲା । ରାଜା ତା ପାଖକୁ ଗଲେ । ତାକୁ ବହୁତ ଉପହାର ଦେବାକୁ କହିଲେ । ତା ପାଖରୁ  ରାଣୀଙ୍କ ଖବର ପାଇଲେ ।  ରାଜା ଏ କଥା ଶୁଣି ଅମରପୁର ଆକ୍ରମଣ କରିବାକୁ ସୈନ୍ୟ ମାନଙ୍କୁ ଆଦେଶ ଦେଲେ । ଯୁଦ୍ଧବାଦ୍ୟ ବାଜିଲା । ସୈନ୍ୟମାନେ ସହରକୁ ପଶିଲେ । ଯୁଦ୍ଧ ହେଲା । ସୈନ୍ୟମାନେ ଅଧେଲୋକ ମାରିଦେଲେ । ସେମାନଙ୍କ ରାତି ଖାଇବା ସମୟ ହୋଇଗଲା । ଯୁଦ୍ଧ ବନ୍ଦ ହେଲା । ତା ପର ଦିନ ଅଧେ ଲୋକଙ୍କୁ ମାରିଦେଲେ । ରାଣୀଙ୍କୁ ଆଣି ରାଜ୍ୟ ଫେରିଲେ ।  ବାଟରେ ରାଜାଙ୍କୁ ଶୋଷ ହେଲା । ସେ ଗୋଟିଏ ଝରଣା ଦେଖିଲେ । ତାଙ୍କୁ ଏତେ ଶୋଷ ହେଉଥିଲା ଯେ ସେ ଝରଣାର ପାଣି ପିଇଲେ । ସେଇ ଝରଣା ଯାଦୁ ଝରଣା ଥିଲା । ପାଣି ପିଇବାରୁ ଯାଦୁ ବିଦ୍ୟା ତାଙ୍କ ଦେହକୁ ଗଲା । ଶେଷରେ ଝରଣାଟି ଶୁଖିଗଲା, ସେ ଘରକୁ ଫେରି ସାତ ପୁଅଙ୍କୁ ଯାଦୁବିଦ୍ୟା ଶିଖାଇଲେ । ସେମାନେ ପ୍ରଥମ ଯାଦୁଗର ହେଲେ । ପରେ ତାଙ୍କର ଅନେକ ଶିଷ୍ୟ ହୋଇଥିଲେ ।


# ପାଇସାତା ଜାନୁମ୍ ପାଲ୍ଲୋ (ପଇସା ଜନ୍ମ କଥା)

**ଆଚାୟ ଦିନା ଦା ପାଲୋ । ଆଚକା ପଇସାଁ ମାନ୍ୱାୟ ମାତାଁ । ସୀମା ରାବାନ୍ ଆରୁ ସୀମା ରାନୀନ୍ ବଗବାନ୍ ଉନ୍‌ଟାନ୍ ରାଜ୍ ହିତ୍ । ରାଜ୍ ତା ହାଲ୍‌ଚଲ୍ ବୁଝେ ମାଇଲ ଅରଡ୍ ଦିୱାନ୍ ମାତୋଡ଼ୁ । ଅଡ୍ ସାବୟ୍ କାମ୍ ଠିକ୍‌ଠାକ୍ କିନ୍ଦୁଡ୍ । ତବ୍ ଜିନିଷ ଆସାନା / ମମାନା କାଜେ ନାହଲେ ଆଉଡ୍ କାମଦେ ଦିୟାନ୍ କାଜେ ଆଲଗା ଉପାୟ ହିଲେ । ବାଁ କାଜେ କି ଆଚକା ପାଇସାଁ ହିଲେ । ତେବେ ସୁବିଧାଦେ କାମ୍ମାଇ ପାରେ । ଆସକ୍ ମାତା । ଉଣ୍ଡିଦିନା ମହାପୁରୁ ଭାନୀନ୍ ଉଣ୍ଡି ଚାନ୍ଦି ମାଟାଦେ ଅତ୍ ।**



ପୁରୁଣା ଦିନର କଥା । ସେତେବେଳେ ଟଙ୍କା ନଥିଲା । ସୀମା ରାଜା ଓ ସୀମା ରାଣୀଙ୍କୁ ମହାପ୍ରଭୁ ରାଜ୍ୟଟିଏ ଦେଲେ । ରାଜ୍ୟର ଭଲମନ୍ଦ ବୁଝିବାକୁ ଜଣେ ଦିୱାନ ଥିଲେ । ସେ ସବୁକାମ ଠିକ ଭାବରେ କରୁଥିଲେ । ହେଲେ ଜିନିଷ କିଣାବିକା ବେଳେ ଅବା ଅନ୍ୟ କାମରେ ଦେବାପାଇଁ କୌଣସି ବାଟ ନଥିଲା କାରଣ ସେତେବେଳେ ଟଙ୍କା ନଥିଲା । ତେଣୁ ସୁବିଧାରେ କାମ ହୋଇପାରୁନଥିଲା । ଦିନେ ମହାପ୍ରଭୁ ରାଣୀଙ୍କୁ ଗୋଟିଏ ରୂପା ପାହାଡ଼କୁ ନେଲେ ।

ରାନୀନ୍ ଦିବାଁ ଦିବାଁ ଘନ୍ଧି ତହ୍ ତୁଁ । ଇଉ ସବ ଘନ୍ଦି ଆନ୍ଦ୍ । ତାନା ପାରେକ୍ ସୋନା ମାଟା ତିଗା ଅତ୍ । ଆଗା ଦିର୍ବା ସୋନା ହୁଡ୍ ତୁ । ଆଲୋଡ଼୍ ପାରେକ୍ ଲତେ ମାଲ୍ତୁଡ଼୍ । ମହାପ୍ରଭୁ ରାନୀନ୍ ପାଇସା ବାନାହ କିୟନ୍ କାରିହ୍ ଛିତୁଡ଼୍ । ରାନୀ ସନା ଛାନ୍ଦୀ ଆରୁ ତମ୍ବା ଆପୁନା ସାହାଡ଼୍ ଦେ ତାତ୍ ଆପେଡ଼େ ପାଇସାଁ ବାନାହ୍ ଚିଡୁତ୍ । ହାନ୍ଦାନା ୱାଡ଼ା ୱାଡ଼ାତେ ରାହ୍କ୍ଷୌ ପାଇସା ହିସିକିଟ୍ । ଆଦ୍ ତାହାଲେ ସବାୟ ଗହଡ଼ା ପାଇସା ଦା ଦାନ୍ଧା କିୟାନା ପୁତୁଡ଼୍ । ଆକ୍ରି ଦେ ତାମ୍ ମାଟା ତିଗା ଅତ୍ । ଆଗା ଦିବାଁ ଦିବାଁ ତାମ୍ ହୁଡ଼୍ତୁଁ ।



ତାଙ୍କୁ ଗଦା ଗଦା ରୂପା ଦେଖାଇଲେ । ସେ କହିଲେ, ଏ ଗୁଡ଼ିକ ରୂପା ତାପରେ ସୁନା ପାହାଡ଼ ପାଖକୁ ନେଲେ । ସେଠି ଗଦା ଗଦା ସୁନା ଦେଖିଲେ । ଶେଷରେ ତମ୍ବା ପାହାଡ଼ ପାଖକୁ ଯାଇ ଗଦା ଗଦା ତମ୍ବା ଦେଖିଲେ । ସେମାନେ ଘରକୁ ଫେରିଲେ । ମହାପ୍ରଭୁ ରାଣୀଙ୍କୁ ଟଙ୍କା ତିଆରି ଶିଖାଇ ଦେଲେ । ରାଣୀ ସୁନା, ରୂପା ଓ ତମ୍ବା ନିଜ ରାଜ୍ୟକୁ ଆଣିଲେ । ସେଥିରେ ଟଙ୍କା ତିଆରି କଲେ । ତାପରେ ଚପରାଶିକୁ ଟଙ୍କା ଦେଇ କହିଲେ, ଯାଅ ସବୁ ପରିବାରକୁ ଦୁଇ ଶହ ଟଙ୍କା ଲେଖାଁ ଦେଇଦେବ, ସେଇଦିନଠୁ ସଭିଏଁ ଟଙ୍କାର ବ୍ୟବହାର ଜାଣିଲେ ।

# କିଶ୍ ବାଦାନ୍‌ତେ ଆତ (ନିଆଁର ଜନ୍ମ)

ଇଦେର୍‌ନା ଦିନ୍‌ମାତା ମାନେଏଲଡ଼ ଆଦ୍‌ହକା କାଛାଂ ହାୱ୍ୱୀ ତିଞ୍ଜାକ୍ ମାତଡ୍ । ଉଣ୍ଡିଦିନା ବାଗ୍‌ୱାନ କାମ୍‌ନା ଲାପା ୱ୍ୱାଲିଶକ୍ ମାତଡ୍ । ୱ୍ୱଡ୍ ଅଲିଶି ଅଲିସି ଥାକେ ମାତୁଡ୍ । ୱ୍ୱଡ଼ ଉନ୍‌ଟାନ ୱ୍ୱାଦୁର ପାଦ୍‌ଲା ଗୋକାତେ ଉଡ୍‌ତୁଡ୍ । ହୁଡୁକ୍ ସମୟ୍‌ତେ ପାଜାୱ୍ୱଡ୍ ଆଛା ଆତୁଡ୍ । ତାନା ପାରେକ୍ ୱ୍ୱନ୍ କର୍ ଅଶତ୍ । ୱ୍ୱ ଡ଼ ଆଟିଲା ମାନ୍ କିତୁଡ୍ । ୱ୍ୱଡ୍ ରାଣ୍ଡ ଗୋନ୍ଧା ଅଦୁର୍ ୱ୍ୱତୁଡ଼ । ଉଣ୍ଡି ଗନ୍ଦା ତୁନ ଆଉର୍ ଗନ୍ଧା ପାରୋ ନହ କତୁଡ଼ । ଆଗଡ଼ାହଛିନ୍ କିଶ୍ ପାଶିତୟ୍ । ଆଗଡ଼ାହ୍‌ଲେ ୱ୍ୱଡ଼ ତିନ୍ଧନା ଜିନିଷ ଆଟତୁଡ୍ । ତାନା ପାଜା ଆଟାନା କିଶ୍ ପାଏଲେ ଥିଗା ଜାଗାତେ କିଶ୍ ମାତା ।



ଏମିତି ଦିନ ଥିଲା ମଣିଷ ସେତେବେଳେ କଂଚା ମାଂସ ଖାଉଥିଲା । ଦିନେ ମହାପ୍ରଭୁ ବଣ ଭିତରେ ବୁଲୁଥିଲେ । ସେ ବୁଲି ବୁଲି ହାଲିଆ ହୋଇଗଲେ । ସେ ଗୋଟିଏ ବାଉଁଶବୁଦା ମୂଳେ ବସିଗଲେ । କିଛି ସମୟ ପରେ ସେ ସୁସ୍ଥ ହେଲେ । ତା ପରେ ତାଙ୍କୁ ଭୋକ ଲାଗିଲା । ସେ ରାନ୍ଧିବାକୁ ଇଚ୍ଛା କଲେ । ସେ ଦୁଇଖଣ୍ଡ ବାଉଁଶ ନେଲେ । ଖଣ୍ଡିଏକୁ ଅନ୍ୟ ଖଣ୍ଡ ଉପରେ ଘସିଲେ । ସେଥିରୁ ନିଆଁ ବାହାରିଲା । ଏଥିରେ ସେ ଖାଇବା ଜିନିଷ ରାନ୍ଧିଲେ । କିନ୍ତୁ ରାନ୍ଧିବା ପରେ ନିଆଁ ଜଳୁଥିବା ଜାଗାରେ ନିଆଁ ରହିଗଲା । ସେଥିରୁ ବଣରେ ନିଆଁ ଲାଗିଗଲା, ନିଆଁ ପ୍ରଖର ହୋଇ ଜଳିଲା ।

ଆଗଡ଼ାହଛିନ୍ କାମ୍ନାତେଁ କିସ୍ପାଇତ୍ । କିସ୍ ଜଡ଼ସେ ଦୁଗଲେ ମାତ୍ । ଜିଇୟୁ ଜାନ୍ତୁଁ ହିକେହାକେ ଡାଇତୁଁ । ବାଛରତ ଫିଁଶ୍ତୁଁ । ଆଉର ବାଛକ୍ତ କିଶ୍ତେ କାଡ଼ଶି ହାତୁଁ । କିଶ୍ ପାୟାନା କାମ୍ ଆତ୍ । ବଣ୍ଡାଲୋଡ଼ କାମନାତେ ହାତୁଡ଼୍ । ହୁଡ଼ତୁଡ଼ ନିର୍ ଧୋଡ଼ି ଜିବ୍ଜନ୍ତୁ କାଡ଼୍ଶି ମାଞ୍ଚାଲ୍ ମିଶିୟାତାଁ । ଓ୍ୱାଲୋଡ଼୍ ଜିବ୍ଜନ୍ତୁକୁନ୍ ତୁଲାହ୍ କିତୁଡ଼୍ ଆରୁତିତୁଡ଼୍ । କାଛାଂ ହାଓ୍ୱିଁ ତାଛିନ୍ ଇଦ୍ ଆଛା ଲାଗ୍ତା । ଓ୍ୱେଲୋଡ଼୍ ବିଚାର କିତୁଡ଼ ଇଦେର୍ନା ସବହକା ମିଡ଼ଓ୍ୱିଲ୍କି ? ଆଛର ହକା କିଶ୍ ଫିଇଶି ମାତା । ଓ୍ୱେଲୋଡ଼ କିଲ୍ଶି କିଲ୍ଶି ତାନ୍ ଖୌଜି କିତୁଡ଼୍ ତାବ୍ଲେ ଗାଲା ଆଓ୍ୱିହଡ଼୍ ଆକରିତେ ପୁତୁଡ଼ ମାଡ଼ାତା ଡାଡାତେ । କିଶ୍ ମାନ୍ତା । ରାଣ୍ଡ ଗନ୍ଧା କାଠିୟା ତାଛି ନହକତେକ୍ କିଶ୍ ପାଶିୟାଲ୍ । ଓ୍ୱାଲୋଡ଼୍ ଆଦାନେ ବୁନା କିତୁଡ଼୍ ।



ବଣର ପଶୁମାନେ ଏଣେତେଣେ ପଳାଇଲେ । କେତେକ ବଂଚିଗଲେ । ଆଉ କେତେକ ନିଆଁରେ ପୋଡ଼ି ହୋଇ ମଲେ । ନିଆଁର ତେଜ କମିଗଲା । ବଣ୍ଡାମାନେ ବଣକୁ ଗଲେ । ଦେଖିଲେ ପାଉଁଶ ତଳେ ପଶୁମାନେ ପୋଡ଼ି ହୋଇ ପଡ଼ିଛନ୍ତି । ସେମାନେ ପଶୁଗୁଡ଼ିକୁ କାଟିଲେ ଓ ଖାଇଲେ । କଂଚା ମାଂସ ଠାରୁ ଏହା ଭଲ ଲାଗିଲା । ସେମାନେ ଭାବିଲେ ଏମିତି ଖାଦ୍ୟ ସବୁବେଳେ ମିଳନ୍ତା କି ? ସେତେବେଳକୁ ନିଆଁ ଲିଭି ଯାଇଥିଲା । ସେମାନେ କାନ୍ଦି କାନ୍ଦି ତାକୁ ଖୋଜିଲେ ହେଲେ ପାଇଲେନି । ଶେଷରେ ଜାଣିଲେ ଯେ ଗଛର ଡ଼ାଳରେ ନିଆଁ ଅଛି । ଦୁଇଖଣ୍ଡ ଶାଖା ଆଣି ଘସିଲେ ନିଆଁ ବାହାରିବ । ସେମାନେ ସେପରି କଲେ ।

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର